# ଭୁବନେଶ୍ୱର ସିଟି

ଆସ ବୁଲିଯିବା ଖଣ୍ଡଗିରି



## ଦୁଲୁକୁଛି ଯାତ୍ରା ମଞ୍ଚ

# ଶନିବାରିଆ ହାଉସ୍‌ଫୁଲ୍



ଭୁବନେଶ୍ୱର, ୩୧।୧ (ସମିସ): ପଞ୍ଚମ ରାତିରେ ପହଞ୍ଚିଛି ଖଣ୍ଡଗିରି ଯାତ୍ରା ମହାକୁମ୍ଭ। ଦିନ ଯେତିକି ଗଡୁଛି, ଯାତ୍ରା ପ୍ରେମୀଙ୍କ ଉତ୍ସାହ ସେତିକି ବଢୁଛି। ପାଞ୍ଚଟି ଅପେରା ପାର୍ଟି ଭିତରେ ଚାଲିଛି ଜୋରଦାର ଟକ୍କର। ଦିନ ତମାମ ପ୍ରଚାରରେ କମ୍ପୁଛି ଖଣ୍ଡଗିରି ଓ ଆଖପାଖ ଅଞ୍ଚଳ। ରାତି ହେଲେ ଶୁଭୁଛି ଛାତିଥରା ସଂଳାପ। ସଞ୍ଜ ପୂର୍ବରୁ ମେଳା ଗହଳି ଓ ରାତି ହେଲେ ଯାତ୍ରା ପ୍ରେମୀଙ୍କ ମେଳି। ଆସନ୍ତାକାଲି ଛୁଟିଦିନ ଥିବାରୁ ଶନିବାର ଦିନ ସବୁ ପେଣ୍ଡାଲ ହାଉସଫୁଲ୍ ଯାଇଥିଲା। ସତେ ଯେମିତି ସାରା ଓଡ଼ିଶାର ନାଟକ ପ୍ରେମୀ ଏକା ଦିନକେ ଯାତ୍ରା ଦେଖିବାକୁ ପଣ କରିଛନ୍ତି। ଦର୍ଶକମାନେ ନିଜର ପ୍ରିୟ ଯଲିଉଡ କଳାକାରଙ୍କ ଅଭିନୟ ଦେଖିବାକୁ ଯେତିକି ପସନ୍ଦ କରୁଛନ୍ତି, ରେକର୍ଡ ଡ୍ୟାନ୍ସ ଦେଖିବାକୁ ମଧ୍ୟ ସେତିକି ମନ ବଳାଉଛନ୍ତି। ରାତି ୧୧ ପରେ ପରେ ଆରମ୍ଭ ହେଇଯାଉଛି ରେକର୍ଡ ଡ୍ୟାନ୍ସ। ଓଲିଉଡ ଓ ବଲିଉଡ୍ର ସଙ୍ଗୀତ ଓ ନାଚ ଶୀତୁଆ ରାତିରେ ଉଷ୍ମତା ଭରୁଛି। ଆସନ୍ତାକାଲି ରବିବାର ଛୁଟିଦିନ ଥିବାରୁ ଆଜି ଯାତ୍ରା ପାଇଁ ଅଧିକ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଛି।

ଶନିବାର ରାତିରୁ ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ (ଆଇଗିଣିଆ-ଡୁମୁଡୁମା) ମଞ୍ଚରେ ତୁଳସୀ ଗଣନାଟ୍ୟ ଖଣ୍ଡଗିରି ଯାତ୍ରା ମହାକୁମ୍ଭରେ ଯୋଗ ଦେଇଛି। ପ୍ରଥମ ରଜନୀରେ 'ଏଇ ବୋଧେ ଶେଷ ଦେଖା' ନାଟକ ମଞ୍ଚସ୍ଥ କରିଛି। ଚନ୍ଦନ-ଜିତ୍, ତୋଫାନ-କ୍ରିଷ୍ଣା ଓ ସୋନାଲି, ରୋଜାଲିନ-ପାୟଲଙ୍କ ଅଭିନୟ ସାଙ୍ଗକୁ ସାଇ ଓ ଉତ୍ତମଙ୍କୁ ଖଳନାୟକ ଭୂମିକାରେ ଦେଖିବାକୁ ପାଇଛନ୍ତି ଦର୍ଶକ। ଅଧର, ବାପି, ଟୁକୁଙ୍କ କମେଡି ଓ କଣ୍ଠଶିଳ୍ପୀ ନନ୍ଦିନୀଙ୍କ ସଙ୍ଗୀତ ଶୁଣିବାକୁ ଦର୍ଶକ ଭିଡ଼ ଲାଗିଛି।

ଇନ୍ଦିରା ସାଂସ୍କୃତିକ ପରିଷଦ (ଖଣ୍ଡଗିରି-ଜାଗମରା) ପେଣ୍ଡାଲରେ ପଡ଼ିଥିବା ଯାତ୍ରା ରାଣୀ ସିଂହବାହିନୀ ପଞ୍ଚମ ରାତିରେ ମଧ୍ୟ 'ତୁ ମୋ ବଜରଙ୍ଗୀ' ନାଟକ ପରିବେଷଣ କରିଛି। ଲଗାତାର ପଞ୍ଚମ ରାତିରେ ସମାନ ନାଟକ ମଞ୍ଚସ୍ଥ ହେଉଥିଲେ ମଧ୍ୟ ପୀୟୁଷଙ୍କ କ୍ରେଜ୍ ଯୋଗୁଁ ନାଟକ ପ୍ରେମୀଙ୍କ ଆଗ୍ରହ କମିନାହିଁ। ସନାତନ ସେବା ସମିତି ମଞ୍ଚରେ ନାଚୁଥିବା କୋଣାର୍କ ଗଣନାଟ୍ୟ ୫ମ ରାତିରେ ମଧ୍ୟ 'ତୁ ବୋଧେ ମୋ ଭାଗ୍ୟରେ ନାହୁଁ' ବହି ରିପିଟ୍ କରିଛି। ଭେଟେରାନ ଦୈତାରି ପଣ୍ଡାଙ୍କ ଡାଇଲଗ୍ ଶୁଣିବାକୁ ଯାତ୍ରାପ୍ରେମୀଙ୍କ ଭିଡ଼ ଲାଗିଛି।

ଜୟଦୁର୍ଗା ମଞ୍ଚରେ ଖେଳୁଥିବା ଅପେରା ଶ୍ରୀମନ୍ଦିର ଦର୍ଶକଙ୍କ ଆଗ୍ରହକୁ ଦେଖି ତୃତୀୟ ରାତିରେ ମଧ୍ୟ ସେଇ ନାଟକ ପରିବେଷଣ କରିଛି। ଜିନୁ-ଟିକି, ଅଜୁ-ଆପୁ ଓ ଖଳନାୟକ କାହ୍ନାଙ୍କ ଅଭିନୀତ ନାଟକ 'ଜାନୁଆର୍' ଦର୍ଶକଙ୍କୁ ଭେଟି ଦେଇଛି। ସେହିଭଳି ମା' ମଙ୍ଗଳା ପେଣ୍ଡାଲରେ ସ୍ୱର୍ଣ୍ଣ ମହଲ ମଧ୍ୟ 'ଗୁହାରି ଶୁଣ ଦିନବନ୍ଧୁ' ନାଟକ ମଞ୍ଚସ୍ଥ କରିଛି। ତୃତୀୟ ରାତିରେ ବହି ରିପିଟ୍ ହୋଇଥିଲେ ମଧ୍ୟ ସୁବାସ-ପିଙ୍କି, ଭାବନା, ଲୁଲୁ, ନୟନ-ମାନସୀଙ୍କ ଅଭିନୟ ସାଙ୍ଗକୁ ଖଳନାୟକ ନବ ଘୋଷଙ୍କ ଅଭିନୟ ଦର୍ଶକଙ୍କୁ ମଞ୍ଚ ନିକଟକୁ ଟାଣି ଆଣିଛି।

କଳିଙ୍ଗ ପେଣ୍ଡାଲରେ 'ଯାତ୍ରା ଇନ୍ଦ୍ରଭୁବନ' ଦ୍ୱିତୀୟ ରାତିରେ ବି 'ନ ଅଙ୍କ ଦୁର୍ଭିକ୍ଷ' ନାଟକ ଦର୍ଶକଙ୍କୁ ଭେଟି ଦେଇଛି। ବିନୋଦ-ବେବିନା, ଖଳନାୟକ ପ୍ରକାଶ ଓ ବିମଲଙ୍କ ଦମଦାର ଅଭିନୟ ଦର୍ଶକଙ୍କୁ ଆକୃଷ୍ଟ କରିଛି। ସେପଟେ ଅନନ୍ତ କେଶରୀ ଦେବ ସାଂସ୍କୃତିକ ପରିଷଦ ମଞ୍ଚରେ ଖେଳୁଥିବା ଅପେରା ରାଜ ଦରବାର ଦ୍ୱିତୀୟ ରାତିରେ 'ଆଖି ପଲକରେ ଖୋଜୁଛି ତତେ' ନାଟକ ପରିବେଷଣ କରିଛି। ଦ୍ୱିତୀୟ ରାତିରେ ସେଇ ବହି ପରିବେଷଣ ହୋଇଥିଲେ ମଧ୍ୟ ନାଟକ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି।

### ଆଜିର କାହାଣୀ

## 'ଆଖି ପଲକରେ ଖୋଜୁଛି ତତେ'

ଅନନ୍ତ କେଶରୀ ଦେବ ସାଂସ୍କୃତିକ ପରିଷଦ ମଞ୍ଚରେ ଅପେରା ରାଜଦରବାର ମଇଦାନକୁ ଓହ୍ଲାଇଛି। ଦ୍ୱିତୀୟ ରଜନୀରେ ପ୍ରଦୀପ ବେହେରାଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ଆଖି ପଲକରେ ଖୋଜୁଛି ତତେ' ମଞ୍ଚସ୍ଥ ହୋଇଛି। ବାପି ପଣ୍ଡା, ମାମା ଓ ମନୀଷାଙ୍କୁ ଭାଇଭଉଣୀ ଚରିତ୍ରରେ ନଜର ଆସିଥିବା ବେଳେ ନୀର ସ୍ୱାଇଁ ଓ କୁନାଙ୍କୁ ଖଳନାୟକ ଭୂମିକାରେ ଦେଖିବାକୁ ମିଳିଛି। ପିଲାଦିନୁ ଅଭାବ ଅନଟନ ଭିତରେ ପରିସ୍ଥିତି ଭାଇଭଉଣୀଙ୍କୁ ଅଲଗା କରି ଦେଇଛି। ବଡ଼ ହେବାପରେ ଚେହେରା ବଦଳି ଯାଇଥିବାରୁ ସମସ୍ତେ ପାଖାପାଖି ଥିଲେ ମଧ୍ୟ କେହି କାହାରିକୁ ଚିହ୍ନି ପାରୁନାହାନ୍ତି। ମାମା ଅଲଗା ହୋଇ ଗୋଟିଏ ଯାଗାରୁ ଆଉ ଗୋଟିଏ ସ୍ଥାନକୁ ଘୁରି ବୁଲୁଛି। ନୀର ସ୍ୱାଇଁଙ୍କ ପୁଅ ଭୂମିକାରେ ଅଭିନୟ କରୁଥିବା ଗୁନୁ ଓ ମାମା ମଧ୍ୟରେ ପ୍ରେମ ସମ୍ପର୍କ ତିଆରି ହେଉଛି। ଦୁଇଟି ଚରିତ୍ରରେ ନଜର ଆସୁଥିବା ମନୀଷା ବଡ଼ ହେବାପରେ ଭଉଣୀ ମାମାଙ୍କ ଅଜାଣତ ଭୁଲ୍ ପାଇଁ ସ୍ମରଣ ଶକ୍ତି ହରାଇ ବସୁଛନ୍ତି। ନୀର ସ୍ୱାଇଁ ନିଜ ଝିଆରୀ ବୋଲି ଭାବି ଆଶ୍ରୟ ଦେଉଛନ୍ତି। ପରିସ୍ଥିତି ଏପରି ହେଉଛି ଯେ, ମାମା ଜାଣିଶୁଣି ସମସ୍ତଙ୍କ ଠାରୁ ଲୁଚିବାକୁ ବାଧ ହେଉଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ବାପି ପଣ୍ଡାଙ୍କ ପାଖରେ ମାମା ଥିଲେ ମଧ୍ୟ କେହି କାହାରିକୁ ଜାଣିପାରୁନାହାନ୍ତି।?ଗୋଟିଏ ଔରଷରୁ ଜନ୍ମ ହୋଇଥିଲେ ମଧ୍ୟ ଭାଇଭଉଣୀ ଅଲଗା ହୋଇ ଯାଉଛନ୍ତି। ପାଖରେ ଥିଲେ ମଧ୍ୟ ଭାଇ ଭଉଣୀକୁ ଓ ପ୍ରେମିକ ପ୍ରେମିକାକୁ ଆଖି ପଲକରେ ପରସ୍ପରକୁ ଖୋଜୁଛନ୍ତି।

## 'ଦରମା ବଢ଼ିବାର ବି ଗୋଟିଏ ସୀମା ଅଛି'

**ଖଣ୍ଡଗିରି ଯାତ୍ରା ମହାକୁମ୍ଭ ପରିପ୍ରେକ୍ଷୀରେ ଭେଟେରାନ୍ ନୀର ସ୍ୱାଇଁଙ୍କ ସହ 'ସକାଳ' ପ୍ରତିନିଧିଙ୍କ ସାକ୍ଷାତକାର**



**ଆପଣ ଯାତ୍ରାକୁ କିପରି ଆସିଲେ?**

ଉ- ଯାତ୍ରାକୁ ଆସିବା ପୂର୍ବରୁ ଚାକିରି କରୁଥିଲି। କଳା ପ୍ରତି ଆକର୍ଷଣ ପାଇଁ ଚାକିରି ଛାଡ଼ି ଡ୍ରାମା କରିଲି। ସେଠାରୁ ମୋ ଅଭିନୟ ଦେଖିବା ପରେ ତୁଳସୀ ଗଣନାଟ୍ୟ ମୋତେ ପ୍ରଥମେ ଯାତ୍ରାରେ ସୁଯୋଗ ଦେଇଥିଲା।

**ଯାତ୍ରାରେ ୫୦ ବର୍ଷ ପୂରଣ କରି ସାରିଥିଲେ ବି ଆପଣଙ୍କ କ୍ରେଜ୍ କମିନାହିଁ। ସଫଳତାକୁ ନେଇ କ'ଣ କହିବେ?**

ଉ- ମୁଁ ଆଜି ପର୍ଯ୍ୟନ୍ତ କାହାରି ଅମଙ୍ଗଳ ଚିନ୍ତା କରିନାହିଁ କି କେଉଁ କଳାକାର ବିରୋଧରେ ପଦୁଟିଏ ବି କହିନାହିଁ। ଭଗବାନଙ୍କର ମୋ ପ୍ରତି ଅଦୃଶ୍ୟ ଆର୍ଶୀବାଦ ଆଜି ମୋତେ ଏହି ସ୍ଥାନରେ ପହଞ୍ଚାଇଛି।

**ସେବେକାର ଯାତ୍ରା ଓ ଏବେ ମଧ୍ୟରେ କଣ ତଫାତ୍ ? ଏହାର ଭବିଷ୍ୟତକୁ କିପରି ଦେଖୁଛନ୍ତି?**

ଉ- ସେ ସମୟରେ ସାମାଜିକ ଗଣମାଧ୍ୟମ ନଥିଲା। ଆମେ ନାଟକ ମାଧ୍ୟମରେ ହିଁ ଲୋକଙ୍କ ମନ ଜିଣିବାକୁ ଚେଷ୍ଟା କରୁଥିଲୁ। ହେଲେ ଆମ ବେଳର ଦର୍ଶକ ଆଉ ନାହାନ୍ତି କି ଗୁରୁଶିଷ୍ୟର ପରମ୍ପରା ମଧ୍ୟ ଆଉ ନାହିଁ। ଏବେ ନାଟକ ସରିବା ପୂର୍ବରୁ ସିନ୍ ଭାଇରାଲ ହୋଇଯାଉଛି। ଯାତ୍ରା ଆଗରୁ ଥିଲା, ଏବେ ଅଛି ଓ ଆଗକୁ ମଧ୍ୟ ଚାଲିବ। ଉତ୍ଥାନ ପତନ ମଧ୍ୟରେ ଯାତ୍ରା ଆଗକୁ ବଢ଼ିବ।

**ଦର୍ଶକଙ୍କ ମଧ୍ୟରେ ପରିବର୍ତ୍ତନ ହୋଇଛି କି?**

ଉ- ସେବେ ଦର୍ଶକମାନେ ନାଟକ ଦେଖିସାରିବା ପରେ ଭଲ କି ମନ୍ଦ ବିଚାର କରୁଥିଲେ। ଏବେ ସୋସିଆଲ ମିଡିଆରେ ଛୋଟ କ୍ଲିପ୍ ଟିଏ ଦେଖି ଦେଇ ଭଲମନ୍ଦ ବିଚାର କରି ଦେଉଛନ୍ତି। କେବଳ ଦର୍ଶକ ନୁହଁନ୍ତି, ସେତେବେଳର ନାଟ୍ୟକାର କି ନିର୍ଦ୍ଦେଶକ ମଧ୍ୟ ନାହାନ୍ତି।

**ଯାତ୍ରା ପ୍ରସ୍ତୁତିରେ କ'ଣ ପରିବର୍ତ୍ତନ ହୋଇଛି?**

ଉ- ପୂର୍ବରୁ ମାସ ମାସ, ଏମିତିକି ବର୍ଷ ବର୍ଷ ଧରି ରିହର୍ସାଲ ପରେ ବହି ବାହାରକୁ ଆସୁଥିଲା। ସେଇ ଅନୁସାରେ ଗୋଟିଏ ଗୋଟିଏ ନାଟକ ୫ ବର୍ଷ ଧରି ଚାଲୁଥିଲା। ଏବେକାର ମାଲିକମାନେ ୧୦ ଦିନରେ ନାଟକ ସାରିବାକୁ କହୁଛନ୍ତି। ଲେଖକ, ନିର୍ଦ୍ଦେଶକ ଓ କଳାକାର ମଧ୍ୟ କମ୍ ଦିନରେ ନାଟକ ଶିଖିବାକୁ ଓ ଶିଖାଇବାକୁ ବାଧ ହେଉଛନ୍ତି। ଦର୍ଶକ ମଧ୍ୟ ଖୁବଶୀଘ୍ର ନାଟକକୁ ଭୁଲି ଯାଉଛନ୍ତି। ଲୋକମାନେ ମଧ୍ୟ ନୂଆ ନାଟକ ଦେଖିବାକୁ ପସନ୍ଦ କରୁଛନ୍ତି, ସେମାନଙ୍କ ଆଗ୍ରହ ଅନୁସାରେ ଆମକୁ ମଧ୍ୟ ୩/୪ଟି ନାଟକ କରିବାକୁ ପଡୁଛି।

**ଯାତ୍ରା ବିବାଦ ଦିନକୁ ଦିନ ସୀମା ଲଙ୍ଘୁଛି ଓ କଳାକାର କାଠଗଡ଼ାକୁ ଟଣା ହେଉଛି। ବରିଷ୍ଠ ହିସାବରେ ଏସବୁକୁ କିପରି ଦେଖୁଛନ୍ତି?**

ଉ-କାଠଗଡ଼ାକୁ ଯିବା ନିଜ ଉପରେ ନିର୍ଭର କରେ, କିଛି ଭୁଲ୍ ନଥିଲେ କେହି ସେଠାକୁ ଯାଆନ୍ତି ନାହିଁ। ମରିଯିବା ପଛେ କାହା ପାଖରେ ମୁଣ୍ଡ ନୁଆଁଇବା ନାହିଁ। ମାଲିକମାନେ ବି ହସ୍ତକ୍ଷେପ କରି ଡବଲ୍ ଦରରେ କଳାକାରଙ୍କୁ ନେଇ ଯାଉଛନ୍ତି। ଦରମା ବଢ଼ିବାର ସୀମା ଅଛି, ତା ମାନେ ନୁହେଁ ଏକକାଳୀନ ୪/୫ ଗୁଣା ବଢ଼ାଇ ଦେବା। କଳାକାର ମଧ୍ୟ ଏକାଧିକ ମାଲିକଙ୍କ ଠାରୁ ଟଙ୍କା ଉଠାଇ ବ୍ୟକ୍ତିତ୍ୱ ହରାଉଛନ୍ତି।

- ବରୁଣ

## ମେଳା ମୋହ

# ସରୁଛି ଦିନ; ବଢୁଛି ଭିଡ଼




ଭୁବନେଶ୍ୱର, ୩୧।୧(ସମିସ): ସପ୍ତମ ଦିନରେ ପହଞ୍ଚିଛି ଖଣ୍ଡଗିରି କୁମ୍ଭମେଳା। ମେଳା ଯେତିକି ସରିସରି ଆସୁଛି ଗହଳି ମଧ୍ୟ ସେତିକି ବଢ଼ିବାରେ ଲାଗିଛି। ସାଧୁସନ୍ଥଙ୍କ ଦର୍ଶନ ସହ ମେଳା ବୁଲା ବର୍ତ୍ତମାନ ରାଜଧାନୀବାସୀଙ୍କୁ ବେଶ ଆକର୍ଷିତ କରୁଛି। ବେଦମନ୍ତ୍ର, ଜଣାଣ, ଭଜନ କୀର୍ତ୍ତନରେ ଖଣ୍ଡଗିରି ପରିବେଶ ପ୍ରକମ୍ପିତ ହେଉଛି। ସେହିଭଳି ସନ୍ଧ୍ୟାରେ ଫୁଡ କୋର୍ଟ ନିକଟରେ ବିଭିନ୍ନ ଜିଲ୍ଲାର ଖାଦ୍ୟଠୁ ଆରମ୍ଭକରି ଫାଷ୍ଟଫୁଡ୍‌ର ମଜା ନେଉଛନ୍ତି ଲୋକ।

### ମା' ବାରଭୂଜା ପୀଠକୁ ଆସିଲା ବାବା ମଧୁସୁଦନଙ୍କ ବିଗ୍ରହ

ଖଣ୍ଡଗିରି ପାହାଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ବାରଭୂଜା ପୀଠରେ ଆଜି ଚତୁର୍ଦ୍ଦଶୀ ତିଥିରେ ସାଧୁ ସଙ୍ଗ ଅନୁଷ୍ଠିତ ହୋଇଛି। ଏହି ଧାର୍ମିକ କାର୍ଯ୍ୟକ୍ରମରେ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ରର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ସଭାପତିତ୍ୱରେ ବହୁ ସାଧୁସନ୍ଥ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବ୍ୟାସ ପିତାମ୍ବର ଆଚାର୍ଯ୍ୟ ଶ୍ରୀ ରାମଚରିତ ମାନସ ବିଶ୍ୱଶାନ୍ତି ପ୍ରାର୍ଥନା କରିଥିଲେ। ବ୍ରହ୍ମ ଲୀନ ବାବା ମଧୁସୁଦନଙ୍କ ବିରଚିତ ବିଶ୍ୱଶାନ୍ତି ପାର୍ଥ ନାକୁ ସମସ୍ତ ଭକ୍ତ, ସାଧୁସନ୍ଥ ଗାନ କରିଥିଲେ। ଡା. ରତ୍ନାକର ମହାନ୍ତି ଭକ୍ତି, ଭକ୍ତ, ଭଗବାନ ଉପରେ ଆଲୋଚନା କରିଥିଲେ। ସାଧୁସନ୍ଥଙ୍କୁ ମା ବାରଭୂଜା କମିଟି ପକ୍ଷରୁ ପୁଷ୍ପ ଓ ଉତ୍ତରୀୟ ପ୍ରଦାନକରା ଯାଇଥିଲା। ଶ୍ରୀରାମ ଶ୍ରୀ ରାମ, ଓଁ କୃଷ୍ଣ ମଧୁସୁଦନ ବାସୁଦେବ ଜନାର୍ଦ୍ଦନ ନାମରେ ପରିବେଶ ପ୍ରକମ୍ପିତ ହୋଇଥିଲା। ପରେପରେ ଶାଖା ଆଶ୍ରମ ଖଣ୍ଡଗିରି ବାରି ସ୍ଥିତ ଗୁରୁକୃପା କୁଟିରରେ ବାବାଜୀ ଚିତ୍ତବିନୋଦ ଦାସଙ୍କ ତତ୍ତ୍ୱାବଧାନରେ ଗୁରୁଦେବଙ୍କୁ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ଓ ମା ମାନଙ୍କ ଦ୍ୱାରା ବନ୍ଦାପନା କରାଯାଇଥିଲା। ଚାଲିଥିବା ମହାମନ୍ତ୍ର ଓ କୃଷ୍ଣ ମଧୁସୁଦନ ବାସୁଦେବ ଜନାର୍ଦ୍ଦନ ନାମରେ ବହୁ ଭକ୍ତମାନେ ଯୋଗ ଦେଇଥିଲେ। ସବିତା ଦାସ, ଶକୁନ୍ତଳା ଦାଶ, ଶାନ୍ତି ମା, କାବେରୀ ମା ମିନା ମା, କମଳା ମା ପ୍ରମୂଖ ଭଜନ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରମୟରାଉତ, କୃଷ୍ଣଚନ୍ଦ୍ର ଓଝା ପ୍ରମୁଖ ପରିଚାଳନା କରିଥିଲେ। ମୁଖ୍ୟ ଆଶ୍ରମ ସହିତ ବିଭିନ୍ନ ଶାଖା ଆଶ୍ରମର ସେବିକା, ସେବକ ମଧ୍ୟ ଯୋଗ ଦେଇଥିଲେ।

### ଶିକ୍ଷକରୁ ସନ୍ନ୍ୟାସୀ

ଏକ ଘରୋଇ ସ୍କୁଲରେ ଶିକ୍ଷକତା କରୁଥିଲେ। ପରିବାରର ସମସ୍ୟା, ବିଶୃଙ୍ଖଳା ଦେଖି ଏହାର ସମାଧାନ ପାଇଁ ଆଧ୍ୟାତ୍ମିକ ମାର୍ଗକୁ ଆପଣେଇଛନ୍ତି। ଏଥିସହ ସେ ୨୫ ବର୍ଷ ଧରି ସନ୍ନ୍ୟାସୀ ଭାବେ ଜୀବନ ଜୀବନଯାପନ କରୁଛନ୍ତି। ସେ ହେଉଛନ୍ତି, ପୁରୀରୁ ଆସିଥିବା ସ୍ୱାମୀ ଲକ୍ଷ୍ମୀଧର ପରମହଂସ। ସେ ଖଣ୍ଡଗିରି ମେଳାକୁ ଆରମ୍ଭରୁ ଆସିଛନ୍ତି। ମେଳାରେ ଭଗବତ୍ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କୁ ସତ୍ୟ ପଥରେ ଯିବାକୁ ମାର୍ଗ ଦେଖାଉଛନ୍ତି।



### ମଶାରି ଭିତରେ ବାବା

ମଶାରି ଭିତରେ ସାଧନା କରୁଛନ୍ତି ବାବା। ଆଜି କି କାଲି ନୁହେଁ ବରଂ ପ୍ରାୟ ୪୦ବର୍ଷ ଧରି ସେ ତପ କରୁଛନ୍ତି। ଏଭଳି ଜଣେ ଆଧ୍ୟାତ୍ମବାଦୀ ହେଲେ ଉତ୍ତରପ୍ରଦେଶରୁ ଆସିଥିବା ବାବା ବଳରାମ ଦାଶ। ତାଙ୍କର କହିବା ମୁତାବକ ସେ ଜଣେ ସ୍ୱତନ୍ତ୍ର ମଣିଷ ଓ ସଂସାର ଦୁନିଆରୁ ଅଲଗା। ସେ କାହା ସଂସ୍ପର୍ଶରେ ଆସିବେନି। ସେଥିପାଇଁ ମଣିଷଠାରୁ ଦୂରେଇ ରହିବାକୁ ମଶାରୀ ଭିତରେ ରହିଛନ୍ତି।



• ସଡ଼କ ଦୁର୍ଘଟଣାରେ ତ୍ରାଣକର୍ତ୍ତା ସାଜିବ ଅଗ୍ନିଶମ ବିଭାଗ

## ଉଦ୍ଧାର କାର୍ଯ୍ୟର ଡେମୋ ଦେଖାଇଲେ ଆଗ୍ନିକ




ଭୁବନେଶ୍ୱର, ୩୧।୧(ସମିସ): ଦିନକୁ ଦିନ ରାଜ୍ୟରେ ସଡ଼କ ଦୁର୍ଘଟଣାର ମାତ୍ରା ବୃଦ୍ଧି ପାଉଥିବାବେଳେ ଏଥିଯୋଗୁଁ ବହୁ ଧନଜୀବନ ଅକାଳରେ ନଷ୍ଟ ହେଉଛି। ଦୁର୍ଘଟଣା ସମୟରେ ଲୋକମାନଙ୍କୁ ତ୍ୱରିତ ସେବା ଯୋଗାଇବା ସହ ଧନଜୀବନ ରକ୍ଷା ଉପରେ ଗୁରୁତ୍ୱ ଦେଇଛି ଅଗ୍ନିଶମ ବିଭାଗ। ଏହିକ୍ରମରେ ସଡ଼କ ଦୁର୍ଘଟଣା ବେଳେ କିଭଳି ଲୋକଙ୍କୁ ଉଦ୍ଧାର କରାଯିବ ଏବଂ ନିରାପତ୍ତା ଯୋଗାଇ ଦିଆଯିବ, ସେ ନେଇ ଶନିବାର ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ଏକ ଡେମୋ ପ୍ରଦର୍ଶନ କରାଯାଇଥିଲା। କାର୍ ଉପରେ ଏକ ଟ୍ରକ୍ ଚଢ଼ିଯିବା ପରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଖୁବ୍ କମ୍ ସମୟ ମଧ୍ୟରେ ଗାଡ଼ିଗୁଡ଼ିକୁ କାଟି ସେଥିରୁ ଲୋକଙ୍କୁ ଉଦ୍ଧାର କରିଥିଲେ।

ଏହି ଅବସରରେ ଅଗ୍ନିଶମ ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ସଡ଼କ ଦୁର୍ଘଟଣାରେ ଅଗ୍ନିଶମ ବିଭାଗର କର୍ମଚାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ବଡ଼ ଦୁର୍ଘଟଣାରେ ଆଗ୍ନିକମାନେ ନିର୍ଭୀକ ଭାବେ କାର୍ଯ୍ୟ କରି ବହୁ ଲୋକଙ୍କ ଜୀବନ ବଞ୍ଚାଇଛନ୍ତି। ସଡ଼କ ଦୁର୍ଘଟଣାରେ ଗତବର୍ଷ ୮ ହଜାର ଲୋକଙ୍କୁ ଉଦ୍ଧାର କରାଯାଇଛି। ଆଗାମୀ ଦିନରେ ଏହାକୁ ଅଧିକ ତ୍ୱରାନ୍ୱିତ କରାଯିବ ବୋଲି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି।





# ରାସ୍ତା ମଝିରେ ବୁଲିଲା ଖଣ୍ଡା

## ଆକ୍ରମଣରେ ଯୁବକ ଗୁରୁତର




ଭୁବନେଶ୍ୱର, ୩୧।୧(ସମିସ): ପୁଣି ଭୁବନେଶ୍ୱରରେ ଖଣ୍ଡା ବୁଲିଛି। ଭୁବନେଶ୍ୱର ଏମସ ରୋଡ୍ ରକ୍ତରେ ଭିଜିଥିବାବେଳେ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଦୁର୍ବୃତ୍ତମାନେ ଆକ୍ରମଣ କରିଥିବା ନେଇ ଖଣ୍ଡଗିରି ଥାନାରେ ଅଭିଯୋଗ ହୋଇଛି। ପୁଲିସର ପ୍ରାଥମିକ ସୂତ୍ରରୁ ଏହି ଆକ୍ରମଣଟି ପୂର୍ବଶତ୍ରୁତାକୁ କେନ୍ଦ୍ର କରି ହୋଇଥିବାବେଳେ ଅଭିଯୋଗ ପରେ ସେମାନଙ୍କୁ ଧରିବାକୁ ପୁଲିସ୍ ଘନଘନ ଚଢାଉ କରୁଛି। ପୁଲିସ୍ ସୂଚନା ମୁତାବକ, ଆକ୍ରମଣର କିଛି ସମୟ ଯାଏଁ ରାସ୍ତାରେ ରକ୍ତର ଛିଟା ଦେଖିବାକୁ ମିଳିଥିଲା। ରାସ୍ତା ମଝିରେ ହଣାକଟା ଦେଖି ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ପିସିଆର୍ ଭ୍ୟାନ୍ ପହଞ୍ଚିଥିଲା। ହଣାକଟାରେ ଗୁରୁତର ଯୁବକଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲା। ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ପୁଲିସ ତଦନ୍ତ ଚଳାଇଛି।

ସୂଚନାଯୋଗ୍ୟ, ଭୁବନେଶ୍ୱରରେ ପୁଣି ଥରେ ଦୁର୍ବୃତ୍ତଙ୍କ ଆକ୍ରମଣ ସାମ୍ନାକୁ ଆସିଛି। ଖଣ୍ଡଗିରିରୁ ଯାତ୍ରା ଦେଖି ଫେରୁଥିବାବେଳେ ଭୁବନେଶ୍ୱର ଏମସ୍ ରାସ୍ତାରେ ଜଣେ ଯୁବକ ଉପରେ ଖଣ୍ଡାରେ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏହି ଆକ୍ରମଣ ହୋଇଥିବା ପୁଲିସ୍ କହିଛି। ଆକ୍ରମଣରେ ଯୁବକଙ୍କ ଶରୀରରେ ଗଭୀର ଆଘାତ ଲାଗିଛି। ଯୁବକଙ୍କ ମୁଣ୍ଡ, ପିଠି ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କାଟ ଆଘାତ ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ଆକ୍ରମଣ ଗୋଷ୍ଠୀଗତ ବିବାଦ କିମ୍ବା ପୂର୍ବଶତ୍ରୁତାର ପରିଣାମ ହୋଇପାରେ। ରାଜଧାନୀର ଏକ ବ୍ୟସ୍ତବହୁଳ ଅଞ୍ଚଳରେ ଏଭଳି ନିର୍ମମ ଘଟଣା ଘଟିବା ସହରର ନିରାପତ୍ତା ଉପରେ ପ୍ରଶ୍ନବାଚୀ ଛିଡା କରିଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତମାନେ ଘଟଣା ପରେ ଫେରାର ହୋଇଯାଇଥିବାବେଳେ ପୁଲିସ ସେମାନଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରଖିଛି।

# ପିସିଆର୍‌କୁ ପିଟିଲା କାର୍; ଥାନା ଅଧିକାରୀଙ୍କ ସମେତ ୪ ଆହତ

ଭୁବନେଶ୍ୱର, ୩୧।୧(ସମିସ): ଆଚାର୍ଯ୍ୟ ବିହାର ଛକରେ ଏକ କଳା ରଙ୍ଗର ସ୍କୋଡା କାର୍ ପୁଲିସ ପାଟ୍ରୋଲିଂ ଗାଡ଼ିକୁ ଧକ୍କା ଦେଇଛି। ଦୁର୍ଘଟଣାରେ କାରର ସାମ୍ନା ଭାଗ କ୍ଷତିଗ୍ରସ୍ତ ହୋଇଥିବାବେଳେ ବାଲିଅନ୍ତା ଥାନା ଅଧିକାରୀଙ୍କ ସମେତ ମୋଟ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଏନେଇ ବାଲିଅନ୍ତା ଥାନା ଅଧିକାରୀଙ୍କ ଡ୍ରାଇଭର ସହିଦନଗର ଥାନାରେ ଏତଲା ଦେବାପରେ ପୁଲିସ ଦୁର୍ଘଟଣାଗ୍ରସ୍ତ ସ୍କୋଡା କାରକୁ ଜବତ କରି ଅଧିକ ଛାନଭିନ ଆରମ୍ଭ କରିଛି। ସ୍କୋଡା କାରର ଫ୍ରଣ୍ଟ ବମ୍ପର, ବୋନେଟ୍ ଓ ଇଞ୍ଜିନ୍ ଆଗ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। କାରର ତଳ ଭାଗରେ ଥିବା ଅନେକ ଯାନ୍ତ୍ରିକ ଅଂଶ ଯେପରିକି ରେଡିଏଟର, ଏସି କମ୍ପ୍ରେସର୍ ଓ ଅନ୍ୟାନ୍ୟ ପାର୍ଟ୍ସ ଖୋଲି ରାସ୍ତା ଉପରେ ଛିନ୍ନଭିନ୍ନ ହୋଇ ପଡ଼ିଥିବା ନଜରକୁ ଆସିଛି। କାରର ଆଣ୍ଡରକ୍ୟାରେଜ୍ ମଧ୍ୟ ବିକୃତ ହୋଇଯାଇଛି। ଯାହା ଧକ୍କାର ତୀବ୍ରତାକୁ ସ୍ପଷ୍ଟ କରୁଛି। କାରରୁ ଏୟାର ବେଲୁନ ବାହାରି ପଡ଼ିବାରୁ ମହିଳା ଚାଳକ ଜଣକ ସାମାନ୍ୟ ଆହତ ହୋଇଛନ୍ତି। କିନ୍ତୁ ପିସିଆରକୁ ଧକ୍କା ଦେବା ଫଳରେ ବାଲିଅନ୍ତା ଥାନା ଅଧିକାରୀଙ୍କ ସହ ମୋଟ ୩ ଥାନା କର୍ମଚାରୀ ଗୁରୁତର ହୋଇଥିବା ବାଲିଅନ୍ତା ଥାନା ଅଧିକାରୀଙ୍କ ଚାଳକ ଅଭିଯୋଗ କରିଛନ୍ତି।

ପୁଲିସ ସୂତ୍ରରୁ ଜଣାପଡ଼ିଛି, ଏହି ଦୁର୍ଘଟଣା ଆଚାର୍ଯ୍ୟ ବିହାର ଛକ ନିକଟରେ ଘଟିଥିଲା। ପାଟ୍ରୋଲିଂ ଭ୍ୟାନରେ ଥିବା ବାଲିଅନ୍ତା ଥାନା ଅଧିକାରୀଙ୍କ ସହ ଜଣେ କନେଷ୍ଟବଳ, ଗାଡିଚାଳକ ଥିବାବେଳେ ମହିଳା ଜଣକ କାରକୁ ଦ୍ରୁତ ଗତିରେ ଆଣି ପିସିଆରକୁ ଧକ୍କା ଦେଇଥିଲେ। ଫଳରେ ଥାନା ଅଧିକାରୀଙ୍କ ସହ ୨ ଜଣ କର୍ମୀ ଗୁରୁତର ହୋଇଥିଲେ। ଅଭିଯୋଗ ପରେ ପୁଲିସ ଅନ୍ ଡ୍ୟୁଟିରେ ଥିବା ତଥା ପିସିଆର ଭ୍ୟାନକୁ ଧକ୍କା ଦେବା ଅଭିଯୋଗରେ ମାମଲା ରୁଜୁ କରି ମହିଳା ଚାଳକଙ୍କୁ ଅଟକ ରଖିଛି। ମହିଳା ଜଣକ ଗାଡ଼ି ଚଲେଇବାବେଳେ ମଦ୍ୟପାନ କରିଥିଲେ କି ନାହିଁ ସେନେଇ ତଦନ୍ତ କରୁଥିବାବେଳେ ମହିଳା ଚାଳକଙ୍କୁ ପଚରା ଉଚରା କରୁଛି। ତଦନ୍ତକାରୀ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରାଥମିକ ତଦନ୍ତରେ ସ୍କୋଡା କାରର ଅତ୍ୟଧିକ ବେଗ, ଡ୍ରାଇଭରଙ୍କ ଅସାବଧାନତା କିମ୍ବା ଅନ୍ୟ କୌଣସି କାରଣ ରହିଥିବା ସମ୍ଭାବନା ରହିଛି। ଏହି ଘଟଣା ପରେ ଭୁବନେଶ୍ୱରର ବ୍ୟସ୍ତ ଛକଗୁଡ଼ିକରେ ଯାନ ଚାଳକଙ୍କୁ ଅଧିକ ସତର୍କ ହେବାକୁ ପରାମର୍ଶ ଦିଆଯାଇଥିବା ବେଳେ ଜୟଦେବ ବିହାରରୁ ଆଚାର୍ଯ୍ୟ ବିହାର ରାସ୍ତାରେ ହମ୍ପସ ନିର୍ମାଣ ଦାବି କରିଛନ୍ତି। ପୁଲିସ ପକ୍ଷରୁ କୁହାଯାଇଛି ଯେ ଦୁର୍ଘଟଣାର ପୂରା କାରଣ ଜଣାପଡ଼ିବା ପରେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଭଳି ଦୁର୍ଘଟଣା ରୋକିବା ପାଇଁ ଟ୍ରାଫିକ୍ ନିୟମ ପାଳନ କରିବା ଓ ଗତି ନିୟନ୍ତ୍ରଣ ରଖିବା ଅତ୍ୟନ୍ତ ଜରୁରୀ ବୋଲି ମତ ପ୍ରକାଶ ପାଇଛି।

# ଆତଙ୍କ ଖେଳାଇ ଜଣେ ଗିରଫ

ଭୁବନେଶ୍ୱର, ୩୧।୧(ସମିସ): ଆତଙ୍କ ଖେଳାଉଥିବା ଅଭିଯୋଗରେ ସହିଦନଗର ଥାନା ପୁଲିସ୍ ଅଭିଯୁକ୍ତ ପୁନିଆ ନାୟକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ୩୧ ତାରିଖ ଦିନ ଏସଆଇ ଲିପ୍ସା ଦାସ ଥାନା ଅଞ୍ଚଳରେ ପାଟ୍ରୋଲିଂ ଡ୍ୟୁଟି କରୁଥିବାବେଳେ ଅଭିଯୁକ୍ତ ଆଇଡିବିଆଇ ପେଟ୍ରୋଲ ପମ୍ପ ନିକଟସ୍ଥ ବାୟାବାବା ବସ୍ତି ଅଞ୍ଚଳର ଏକ ସାର୍ବଜନୀନ ସ୍ଥାନରେ ଧାରୁଆ ଖଣ୍ଡା ଧରି ବୁଲୁଥିବା ସହ ଜନସାଧାରଣଙ୍କୁ ଧମକ ଦେଇ ଆତଙ୍କ ସୃଷ୍ଟି କରୁଥିବା ସମ୍ପର୍କରେ ସୂଚନା ପାଇଥିଲେ। ପରିଣାମସ୍ୱରୂପ ଲୋକଙ୍କ ଶାନ୍ତି ଭଙ୍ଗ ହେବା ସହ ଟ୍ରାଫିକ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସୂଚନା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଗିରଫ କରିଥିଲା। ତଲାସୀ ସମୟରେ ତା କବଜାରୁ ଗୋଟିଏ ଧାରୁଆ ଖଣ୍ଡା ଉଦ୍ଧାର କରାଯାଇଥିଲା। ଅଭିଯୁକ୍ତଙ୍କ ଏପରି କାର୍ଯ୍ୟକଳାପ ଜନସାଧାରଣମାନଙ୍କ ମଧ୍ୟରେ ଭୟ ଓ ଆଲୋଡ଼ନ ସୃଷ୍ଟି କରିଥିବା ସହ ସ୍ଥାନୀୟ ଆଇନ ଓ ଶୃଙ୍ଖଳା ପ୍ରତି ଗମ୍ଭୀର ବିପଦ ସୃଷ୍ଟି କରିଥିଲା। ତଦନ୍ତ ସମୟରେ ଅଭିଯୁକ୍ତ ଉକ୍ତ ଅପରାଧରେ ତାଙ୍କର ସମ୍ପୃକ୍ତି ସ୍ୱୀକାର କରିଥିଲା।

# ଆଜି ଇନ୍‌ଫୋସିଟି-ଶିଖରଚଣ୍ଡୀରେ ପୁଣି ଦୁଲୁକିବ ଭୁବନେଶ୍ୱର

ଭୁବନେଶ୍ୱର, ୩୧।୧(ସମିସ): ଆସନ୍ତାକାଲି ବିଏମ୍‌ସି ପକ୍ଷରୁ ଇନ୍ଫୋସିଟି ଛକରୁ ଶିଖରଚଣ୍ଡୀ ଛକ ମଧ୍ୟରେ ଅନୁଷ୍ଠିତ ହେବାକୁ ଯାଉଛି ପଥ ଉତ୍ସବ। ଉତ୍ସବରେ ରୁକୁ ସୁନା ଗୀତ ପରିବେଷଣ କରିବେ। ଏଥିରେ ସାମିଲ ହେବେ କମେଡିଆନ ଯୋଡ଼ି ପ୍ରଜ୍ଞାନ ଓ ଶଙ୍କର। ଭୁବନେଶ୍ୱର ଗଟ୍ ଟ୍ୟାଲେଣ୍ଟରେ ଜଲ୍‌ୱା ଦେଖାଇବେ ଲୁକ୍କାୟିତ ପ୍ରତିଭା। ସେମାନଙ୍କ ପ୍ରତିଭା ଲୋକଲୋଚନକୁ ଆଣିବା ପାଇଁ ବିଏମ୍‌ସିର ଏହି ପ୍ରୟାସ ଜାରି ରହିଛି। ଏଥିର ଦୁଇ ଦୁଇଟା ମଞ୍ଚ ରହିବା ସହ ଏଥିରେ ସବୁ ବର୍ଗର ମହିଳା ଓ ପୁରୁଷ ଭାଗ ନେଇପାରିବେ। ପାରମ୍ପରିକ ନୃତ୍ୟ, ଗୀତ ଓ ଖେଳକୁଦ ସହ ମାଲଖମ୍ବ, ଯୋଗ, କିଡ୍ସ କିଙ୍ଗଡ଼ମ୍, ପଜଲ ଗେମ୍, ଲୁଡୁ, ବାଘ ନାଚ ଦେଖିବାକୁ ମିଳିବ। ଏଥିସହିତ ସାଇକେଲିଂ, ସ୍କେଟିଂ ସହ ଫୁଡ୍ କୋର୍ଟରେ ଗରମ ଗରମ ଦେଶୀ ଖାଦ୍ୟର ଆସର ମଧ୍ୟ ରହିଛି। ଏହି ପଥ ଉତ୍ସବର ଭରପୁର ମଜ୍ଜା ଉଠାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ମେୟର ସୁଲୋଚନା ଦାସ ଓ କମିଶନର ଚଞ୍ଚଳ ରାଣା ଆହ୍ୱାନ ଦେଇଛନ୍ତି।

# ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବାଲିଅନ୍ତା, ୩୧।୧(ସମିସ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ବେଣ୍ଟପୁରରେ ଅବସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଚତୁର୍ଥ ବାର୍ଷିକ ଉତ୍ସବ 'ଆଭା' ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟବ୍ରତ ସାମଲଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରାଯିବା ସହ ମୁଖ୍ୟ ଅତିଥି ତଥା ମୁଖ୍ୟ ବକ୍ତା ସରୋଜ କୁମାର ସାମଲ ସମ୍ମାନିତ ଅତିଥି ଭାବରେ, ବୈଜ୍ଞାନିକ ଡ଼. ସୋମା ଚଟୋପାଧ୍ୟାୟ, ପ୍ରଫେସର ପ୍ରଦ୍ୟୁମ୍ନ କୁମାର ଦାସ, ରମେଶ ଚନ୍ଦ୍ର ଜେନା, (ଏଡିଓ) ଅତିରିକ୍ତ ଜିଲ୍ଲାପାଳ ରଶ୍ମିତା ନାଥ, ବିଡିଓ ତଥା ଅଧ୍ୟକ୍ଷ ଭିଏମ୍‌ଡିସି ସନ୍ତୋଷ କୁମାର ମହାପାତ୍ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବାଲିପାଟଣା ଭାକର ସାହିର ଅଧ୍ୟକ୍ଷ ଯୋଗ ଦେଇଥିଲେ। ଶିକ୍ଷୟତ୍ରୀ ସୋନାଲି ପାୟିକରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଇ-ବସ୍ ଚାଳନା ତାଲିମ ପାଇଁ ପୁଣେ ଗଲେ ୨୦ ମହିଳା



ଭୁବନେଶ୍ୱର, ୩୧।୧(ସମିସ): ମହିଳାମାନଙ୍କୁ ଅଧିକ ସଶକ୍ତ କରିବା ଦିଗରେ ରାଜ୍ୟ ସରକାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ 'ଆମ ବସ' ସେବାରେ ନିଯୁକ୍ତ ମହିଳା ଡ୍ରାଇଭରମାନଙ୍କୁ ଉନ୍ନତ ମାନର ପ୍ରଶିକ୍ଷଣ ପ୍ରଦାନ କରିବାକୁ ଯୋଜନା କରାଯାଇଛି। ଏହି ଉଦ୍ଦେଶ୍ୟରେ ଖାରବେଳ ଭବନ ଠାରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼ା. କୃଷ୍ଣଚନ୍ଦ୍ର ମହାପାତ୍ର ଓ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କ୍ରୁଟ୍‌ର ୨୦ ଜଣ ମହିଳା ଡ୍ରାଇଭରଙ୍କୁ ବିଶେଷ ପ୍ରଶିକ୍ଷଣ ପାଇଁ ମହାରାଷ୍ଟ୍ରର ପୁଣେ ସହରକୁ ପଠାଯିବାର ବ୍ୟବସ୍ଥା କରାଯାଇଛି। ଏହି ବୈଠକରେ ବିଭାଗୀୟ ମନ୍ତ୍ରୀ ଡ. ମହାପାତ୍ର ଏବଂ ପ୍ରମୁଖ ଶାସନ ସଚିବ ପାଢ଼ୀ ଉପସ୍ଥିତ ରହି ପୁଣେ ଯିବାକୁ ଥିବା ମହିଳା ଡ୍ରାଇଭର ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଓ ସମ୍ବର୍ଦ୍ଧିତ କରିଥିଲେ।

ଏହି ଅବସରରେ ମନ୍ତ୍ରୀ ଡ଼ା. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ମହିଳାମାନେ ଆଜି ସମସ୍ତ କ୍ଷେତ୍ରରେ ନିଜ ଦକ୍ଷତା ପ୍ରମାଣ କରୁଛନ୍ତି। ସଠିକ୍ ପ୍ରଶିକ୍ଷଣ ମିଳିଲେ ସେମାନେ ପରିବହନ କ୍ଷେତ୍ରରେ ମଧ୍ୟ ଅତ୍ୟନ୍ତ ସଫଳ ହୋଇପାରିବେ ଏବଂ ନିଜର ଦକ୍ଷତା ପ୍ରତିପାଦନ କରିପାରିବେ ମନ୍ତ୍ରୀ ବୋଲି କହିଥିଲେ।

ଏହି ମହିଳା ପ୍ରଶିକ୍ଷାର୍ଥୀମାନେ ଆଧୁନିକ ଇ-ବସ୍ ଚଳାଚଳ କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ତାଲିମ ନେବା ପାଇଁ ବିମାନ ଯୋଗେ ଶନିବାର ପୁଣେ ଅଭିମୁଖେ ଯାତ୍ରା କରିଛନ୍ତି। ଆସନ୍ତା ୨ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ସ୍ଥିର ହୋଇଥିବା ଏହି ୧୪ ଦିନିଆ ଉଚ୍ଚ ମାନର ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଜିଆଇଜେଡର ବୈଷୟିକ ସହାୟତାରେ ପୁଣେର ମୂଳ ଉପକରଣ ନିର୍ମାତା 'ଏକ୍କା ମୋବିଲିଟି' ପ୍ଲାଣ୍ଟରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଇଲେକ୍ଟ୍ରିକ୍ ବସ୍ ପରିଚାଳନା, ଉନ୍ନତ ଡ୍ରାଇଭିଂ, ସୁରକ୍ଷା ପ୍ରୋଟୋକଲ୍ ଏବଂ ପରିଚାଳନାଗତ ଉତ୍କର୍ଷତା ଉପରେ ଅଧିକ ଧ୍ୟାନ ଦିଆଯିବ। ପ୍ରଶିକ୍ଷାର୍ଥୀମାନେ ଆସନ୍ତା ୧୭ ତାରିଖରେ ଫେରିବାର କାର୍ଯ୍ୟକ୍ରମ ରହିଛି। ଖାରବେଳ ଭବନରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ କ୍ରୁଟର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ବିଶ୍ୱାଳ, ମହାପ୍ରବନ୍ଧକ ସହଦେବ ସମାଧିଆ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ହୀରାପୁର ବିଦ୍ୟାଳୟରେ କିଶୋରୀ ମେଳା



ବାଲିଅନ୍ତା, ୩୧।୧(ସମିସ): ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବ୍ଲକର ଉମାଦେଇ ବ୍ରହ୍ମପୁର ଗ୍ରାମ ପଞ୍ଚାୟତର ହୀରାପୁର ୟୁଜିପି ବିଦ୍ୟାଳୟରେ ଶୁକ୍ରବାର ପୂର୍ବାହ୍ନ ୧୦ ଘଟିକା ସମୟରେ ବାଲିଅନ୍ତା ସମନିତ୍ୱ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ପକ୍ଷରୁ ପଞ୍ଚାୟତସ୍ତରୀୟ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୋଟ ୮ଟି ଅଙ୍ଗନବାଡ଼ି କେନ୍ଦ୍ରର ୧୫ ବର୍ଷରୁ ୧୯ ବର୍ଷର କିଶୋରୀମାନେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ଥିବା କଳା ସଂସ୍କୃତି ଓ ଲୁକ୍କାୟିତ ପ୍ରତିଭା ଅନ୍ୱେଷଣ କରିବା ପ୍ରତିଭାକୁ ଜନମାନସରେ ପରିଚିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ। ଏଥିରେ ଦୁଇ ଗୋଟି ପ୍ରତିଯୋଗିତା କରାଯାଇଥିଲା। ଗୋଟିଏ ଚିତ୍ରାଙ୍କନ ଓ ଅନ୍ୟଟି ନୃତ୍ୟ ପ୍ରତିଯୋଗିତା। ଚିତ୍ରାଙ୍କନରେ ପ୍ରଥମ ସ୍ଥାନ ମାମା ମହାନ୍ତି, ଦ୍ୱିତୀୟ ସୋନାଲି ଭୋଇ ଓ ତୃତୀୟ ସସ୍ମିତା ଦାସ ହୋଇଥିବା ବେଳେ ନୃତ୍ୟ ପ୍ରତିଯୋଗୀତାରେ ପ୍ରଥମ ରେଶ୍ମା ଦାସ, ଦ୍ୱିତୀୟ ଅମିତ ବିଶୋଇ ଓ ତୃତୀୟ ସୁସ୍ମିତା ଦାସ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବାଳକାଟି ସେକ୍ଟରର କ୍ଷେତ୍ର ପରିଦର୍ଶିକା ସୌମ୍ୟା ସୁଚରିତା ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉମାଦେଇ ବ୍ରହ୍ମପୁର ଗ୍ରାମପଞ୍ଚାୟତର ସରପଞ୍ଚ ରମାଲତା ନାୟକ, ସମ୍ମାନୀତ ଅତିଥି ଭାବେ ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ମାର୍ଶାଲ ଆର୍ଟ ପ୍ରଶିକ୍ଷକ ଉମାକାନ୍ତ ବେହେରା, ଅଭିମନ୍ୟୁ ଭୋଇ, ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପକ୍ଷରୁ ରୋଜାଲିନି ମହାରଣା, ଗୀତାଞ୍ଜଳି ମାଳିକ ଓ ସୁକାନ୍ତ ଶତପଥୀ ଯୋଗ ଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରତିଯୋଗୀମାନଙ୍କୁ ଟ୍ରଫି ସହ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ସମସ୍ତ ଅଙ୍ଗନୱାଡୀ କର୍ମୀ ଉପସ୍ଥିତ ଥିଲେ।

### ସଂଗଠିତ ଅପରାଧ କ୍ଷେତ୍ରରେ କୋର୍ଟଙ୍କ ଐତିହାସିକ ରାୟ

# ଗାଡ଼ି ଚୋରକୁ ୧୦ ବର୍ଷ ଜେଲ୍; ଲକ୍ଷେ ଟଙ୍କା ଜରିମାନା

ଭୁବନେଶ୍ୱର, ୩୧।୧(ସମିସ): ଗାଡ଼ି ଚୋରକୁ ୧୦ ବର୍ଷ ଜେଲ୍ ଦଣ୍ଡ ସହ ଲକ୍ଷେ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି ଭୁବନେଶ୍ୱର ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ବନ୍ଦନା କର। ୨୦୨୫ ମେ ମାସରେ ଶ୍ରୀ ଲିଙ୍ଗରାଜ ଥାନା ଅନ୍ତର୍ଗତ ପୁରୁଣା ଭୁବନେଶ୍ୱର ହାଟସାହି ବନଦୁର୍ଗା ଗଳିରେ ଏକ ମୋଟରସାଇକେଲ ଚୋରି ହୋଇଥିଲା। ଆସାମୀ ଦୀପକ କୁମାର ସାହୁ ଓରଫ ଦୀପୁକୁ ଦୋଷୀ ସାବ୍ୟସ୍ତ କରି ସଜା ଶୁଣାଇଛନ୍ତି। ପ୍ରଥମଥର ପାଇଁ ବିଏନଏସ ଧାରା ୧୧୧କୁ ପ୍ରୟୋଗ କରି ସଂଗଠିତ ଅପରାଧ ପାଇଁ ଆସାମୀକୁ ୧୦ ବର୍ଷ କାରଦଣ୍ଡାଦେଶ ସହ ଲକ୍ଷେ ଟଙ୍କାର ଜରିମାନା ଶୁଣାଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଆଉ ଏକ ବର୍ଷ କାରାଦଣ୍ଡ ଶୁଣାଇଛନ୍ତି। ଅଭିଯୁକ୍ତଙ୍କ ନାଁରେ ବିଭିନ୍ନ ଥାନାରେ ୨୮ ଟି ମାମଲା ପଞ୍ଜିକୃତ ରହିଛି। ମାମଲାର ବିଚାର କାଳରେ ଘଟଣା ସହିତ ସମ୍ପୃକ୍ତ ୫ଜଣ ସାକ୍ଷୀଙ୍କ ଜବାନବନ୍ଦି ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଅଦାଲତ ଆସାମୀକୁ ୧୦ (ଦଶ) ବର୍ଷର ସଶ୍ରମ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା ଓ ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୧ (ଏକ) ବର୍ଷର ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ସାଇ ରଞ୍ଜନ ମହାନନ୍ଦିଆ (ଓଏସପିଏସ୧)ଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏଥିରେ ଡେପୁଟି ଡାଇରେକ୍ଟର ଅଫ ପ୍ରୋସିକ୍ୟୁସନ ହେମନ୍ତ କୁମାର ସ୍ୱାଇଁ ଏବଂ ପବ୍ଲିକ୍ ପ୍ରୋସିକ୍ୟୁଟର ସିପ୍ରାଞ୍ଜଳୀ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରହିଥିବା କୁହାଯାଇଛି।

# ୧୫ ଲକ୍ଷ ଠକେଇ ଅଭିଯୋଗରେ ମହିଳା ଗିରଫ

ଭୁବନେଶ୍ୱର, ୩୧।୧(ସମିସ): ଧରାପଡ଼ିଲା ଚାରସୋ ବିଶ୍ (୪୨୦) ଲେଡି। ୧୫ଲକ୍ଷ ଠକେଇ ଅଭିଯୋଗରେ ସେ ଫେରାର ଥିଲା। ଭୁବନେଶ୍ୱର ଆସିଥିବାବେଳେ ବଡ଼ଗଡ଼ ଥାନା ପୁଲିସ ଗିରଫ କରି ଜେଲ ପଠାଇଛି। ବାଣପୁରର ତନୁଜା ରାଣୀ ପାତ୍ରକୁ ପୁଲିସ ଗିରଫ କରିଛି। ୨ ବର୍ଷ ପୂର୍ବରୁ ବରଗଡ଼ ବ୍ରିଟ କଲୋନୀ ଅଞ୍ଚଳରେ ଏକ ମହାଲକ୍ଷ୍ମୀ ମହିଳା ଗୋଷ୍ଠୀରୁ ୧୫ ଲକ୍ଷ ଟଙ୍କା ନେଇ ଆଉ ମହିଳା ଜଣକ ଧରାଛୁଆଁ ଦେଉ ନ ଥିଲା। ଏନେଇ ବଡଗଡ଼ ଥାନାରେ ଠକେଇ ଅଭିଯୋଗ ହୋଇଥିଲା। ଠକ ମହିଳାଙ୍କ ନାଁରେ ବାଣପୁର ଥାନା ଓ ବଡଗଡ଼ ଥାନାରେ ଦୁଇଟି ମାମଲା ହୋଇଥିଲା। ଏକାଦଶାହ କାର୍ଯ୍ୟରେ ଯୋଗ ଦେବାକୁ ଆସିଥିବାବେଳେ ତନୁଜାଙ୍କୁ କମିଶନରେଟ୍ ପୁଲିସ ଗିରଫ କରିଛି।

# ଦୋକାନରୁ ମିଳିଲା ଯୁବକଙ୍କ ମୃତଦେହ

ଭୁବନେଶ୍ୱର, ୩୧।୧(ସମିସ): ଭୁବନେଶ୍ୱର ଆଇଜି ପାର୍କ ନିକଟରେ ଥିବା ଏକ ଦୋକାନରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ରାତିରେ ଯୁବକ ଜଣଙ୍କ ଶୋଇଥିଲା ବେଳେ ସକାଳୁ ତାଙ୍କ ମୃତ ଦେହ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ଏହି ମୃତଦେହଟି ଏଠାରେ ବ୍ୟବସାୟ କରୁଥିବା ପାନ ଦୋକାନୀଙ୍କର। ତାଙ୍କ ଘର ଖୋର୍ଦ୍ଧା ଅଞ୍ଚଳରେ। ତାଙ୍କର ମୃତ୍ୟୁ କିପରି ଘଟିଲା ସେନେଇ କ୍ୟାପିଟାଲ ଥାନା ପୁଲିସ୍ ତଦନ୍ତ ଆରମ୍ଭ କରିଛି। ଘଟଣାସ୍ଥଳରେ ପୁଲିସ ଓ ଫରେନସିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କ୍ୟାପିଟାଲ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ପରେ ପୁଲିସ୍ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତଦନ୍ତକାରୀ ଅଧିକାରୀ ଦୋକାନ ଆଖପାଖର ସିସିଟିଭି ଫୁଟେଜ୍ ଯାଞ୍ଚ କରୁଥିବାବେଳେ ପ୍ରାଥମିକ ତଦନ୍ତରେ ଏହା ହତ୍ୟା ନା ଆତ୍ମହତ୍ୟା ସେ ନେଇ ସ୍ପଷ୍ଟ ହୋଇନାହିଁ।

# ନନ୍ଦନକାନନରେ ପ୍ରଥମ ପାର୍ମା ୱାଲାବି ଶାବକ ଜନ୍ମ



ନନ୍ଦନକାନନ, ୩୧।୧(ସମିସ): ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପାରମା ୱାଲାବି ଶାବକ ଜନ୍ମ ହୋଇଛି। ନନ୍ଦନକାନନରେ ପ୍ରଥମଥର ପାଇଁ ପାର୍ମା ୱାଲାବି ପ୍ରଜାତିର ସଫଳ ପ୍ରଜନନ ହୋଇଥିବା ଉପ-ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ପୂର୍ବରୁ ୧୯୭୩ ଏପ୍ରିଲ୍‌ରୁ ୧୯୭୬ ଏପ୍ରିଲ୍ ମଧ୍ୟରେ ନନ୍ଦନକାନନରେ ୱାଲାବି ରଖାଯାଇଥିଲେ ମଧ୍ୟ ସେହି ସମୟରେ କୌଣସି ଶାବକ ଜନ୍ମ ହୋଇ ନ ଥିଲା। ଏହି ଛୁଆ ଜନ୍ମହେବା ପରେ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ୩କୁ ବୃଦ୍ଧି ପାଇଛି। ଗୋଟେ ଅଣ୍ଡିରା ଗୋଟେ ମାଈ ଓ ଜନ୍ମ ହୋଇଥିବା ଛୁଆର ଲିଙ୍ଗ ନିରୂପଣ ହୋଇନାହିଁ। ଆଜି ପ୍ରାଣୀ ଚିକିତ୍ସା କର୍ମଚାରୀମାନେ ଶାବକଟି ମା'ର ପେଟରେ ଥିବା ମୁଣା ଭିତରୁ ମୁଣ୍ଡ କାଢ଼ି ବାହାରକୁ ଚାହୁଁଥିବାର ଦେଖିବାକୁ ପାଇଥିଲେ। ଜନ୍ମର ପ୍ରାୟ ୪ରୁ ୫ ମାସ ପରେ ଶାବକମାନେ ଏହିପରି ବାହାରକୁ ମୁଣ୍ଡ କାଢ଼ିଥାନ୍ତି।

ଏହି ପାର୍ମା ୱାଲାବି ଦମ୍ପତିଙ୍କୁ ଡିସେମ୍ବର ୨୦୨୩ରେ ହାଇଦରାବାଦର 'ଜନ୍ ଆଣ୍ଡ ଗ୍ରୁଭସ୍ ଫାର୍ମ'ରୁ ଅଣାଯାଇଥିଲା। ଅଗଷ୍ଟ ୨୦୨୫ରୁ ସେମାନଙ୍କୁ ଏକାଠି ରଖାଯାଇଥିଲା। ଏମାନଙ୍କ ଗର୍ଭଧାରଣ ସମୟ ମାତ୍ର ୩୫ ଦିନ।ଜନ୍ମ ହେବା ପରେ ଶାବକଟି ମା'ର ଜନ୍ମ ନଳୀରୁ ବାହାରି ମା' ପେଟରେ ଥିବା ମୁଣା ଭିତରକୁ ଚାଲିଯାଇଥାଏ। ସେଠାରେ ସେ ସ୍ତନ୍ୟପାନ କରିବା ସହ ନିଜ ଶରୀରର ତାପମାତ୍ରା ନିୟନ୍ତ୍ରଣ କରିବା ସହ ସେଠାରେ ବଢ଼ିଥାଏ। ଶାବକଟି ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବେ ମା' ଉପରେ ନିର୍ଭରଶୀଳ ଏବଂ ପ୍ରାୟ ୧୦ ମାସ ହେବା ପର୍ଯ୍ୟନ୍ତ ସେ ମା' କ୍ଷୀର ଖାଇବ। ତେଣୁ ସେମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ପାଇଁ ୩୭-ଜି ନମ୍ବର ଏନକ୍ଲୋଜରରେ ସିସିଟିଭି ମାଧ୍ୟମରେ କଡ଼ା ନଜର ରଖାଯାଇଥିବା ଉପ ନିର୍ଦେଶକ ସେନଥ ନାରାୟଣ ସୂଚନା ଦେଇଛନ୍ତି।

### ବ୍ୟାପିଛି ଅଜଣା ରୋଗ

# ନନ୍ଦନକାନନରେ କୁମ୍ଭୀର, ମୟୂର, ଗୁରାଣ୍ଡି ମଡ଼କ




ନନ୍ଦନକାନନ, ୩୧।୧(ସମିସ): ନନ୍ଦନକାନନରେ ଅଜଣା ରୋଗ ବ୍ୟାପିଛି। ଯେଉଁଥିରେ ନନ୍ଦନକାନନରେ ଥିବା କିଛି ବହୁ ବିରଳ ଜୀବଜନ୍ତୁଙ୍କ ମୃତ୍ୟୁ ହୋଇଛି। ହେଲେ ନନ୍ଦନକାନନ ରୋଗ ଜାଣି ପାରୁନି କି ରୋଗ ଲୁଚାଉଛି ତାହା ଏବେ ସନ୍ଦେହରେ। ଲୁଚିଛି ନା ଗୋଡ ଦିଆଟା ଦିଶୁଛି। ନନ୍ଦନକାନନରେ ଅବସ୍ଥା ଏବେ ଏହିଭଳି ହୋଇଛି। ବହୁ ଅଘଟଣଗୁଡ଼ିକୁ କର୍ତ୍ତୃପକ୍ଷ ଲୁଚାଇବାକୁ ପ୍ରୟାସ କରୁଥିଲା ବେଳେ କିନ୍ତୁ ସତ ହାଟରରେ ପଡ଼ି ଦାଣ୍ଡରେ ଗଡ଼ୁଛି। ନନ୍ଦନକାନନରେ ଜୀବଜନ୍ତୁଙ୍କ ଜୀବନ ସହ ଖେଳୁଛନ୍ତି କର୍ତ୍ତୃପକ୍ଷ। ସେମାନଙ୍କୁ ସୁରକ୍ଷା ଓ ଜୀବିତ ରଖିବାରେ କର୍ତ୍ତୃପକ୍ଷ ଏକପ୍ରକାର ଅସହାୟ ହୋଇପଡ଼ିଛି ବୋଲି କୁହାଯାଇପାରେ। ଖୁଆଡ଼ ସଫାସଫିଠୁ ଲଗେଇ ସେମାନଙ୍କୁ ଦିଆଯାଉଥିବା ଖାଦ୍ୟପଦାର୍ଥ, ଔଷଧପତ୍ର ଆଦି ଅସୁରକ୍ଷିତ ହୋଇପଡ଼ିଥିବା ଭଳି ସନ୍ଦେହ ସୃଷ୍ଟି କରିଛି। ଯାହାର କାରଣ ନନ୍ଦନକାନନରେ ଜୀବଜନ୍ତୁଙ୍କ ମଡକ ଦେଖାଦେଇଛି। ଏହି ୭/୮ ଦିନ ଭିତରେ ନନ୍ଦନକାନନରେ ବହୁଗୁଡିଏ ବିରଳ ଜୀବଜନ୍ତୁଙ୍କ ମୃତ୍ୟୁ ହେବା ଏହି ସନ୍ଦେହକୁ ଆହୁରି ଘନୀଭୂତ କରିଛି। ନନ୍ଦନକାନନରେ ଗୋଟିକ ପରେ ଗୋଟିଏ କରି ଜୀବନ ଚାଲି ଯାଇଥିବା ବେଳେ ଏହାର ନିରାକାରଣ କରିବା ତ ଦୂରର କଥା, ଏହାର କାରଣ କଣ କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ଜାଣି ପାରୁନାହାନ୍ତି। ଗତ ୭/୮ ଦିନ ବିତି ଯାଇଥିଲେ ବେଳେ ମୃତ ଜୀବଜନ୍ତୁ କାହିଁକି ମଲେ ତାହା ବ୍ୟବଚ୍ଛେଦ କରିଲା ପରେ ବି କାରଣ କଣ କର୍ତ୍ତୃପକ୍ଷ କହି ପାରୁନାହାନ୍ତି। ଏନେଇ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ପିଏମ ରିପୋର୍ଟ ଆସିନାହିଁ ବୋଲି ଉତ୍ତର ରଖିଛନ୍ତି। ଗତ କିଛିଦିନ ଭିତରେ ନନ୍ଦନକାନନରେ ଗୋଟିକ ପରେ ଗୋଟିଏ ବଉଳା କୁମ୍ଭୀରଙ୍କ ମୃତ୍ୟୁ ଘଟିଛି।

ଜଣେ ଅଧିକାରୀଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଗତ କିଛିଦିନ ବ୍ୟବଧାନରେ ୫ଟି ବଉଳା କୁମ୍ଭୀରଙ୍କ ମୃତ୍ୟୁ ଘଟିଛି। ମୃତ କୁମ୍ଭୀରଙ୍କ ମଧ୍ୟରେ ୩ଟି ଅଣ୍ଡିରା ୨ଟି ମାଈ ଅଛନ୍ତି। ସେମାନଙ୍କର ନମୁନା ପରୀକ୍ଷା ହେବାକୁ ଯାଇଛି। ଖୁଆଡ଼ ସଫାସଫି କାର୍ଯ୍ୟ ବି କରାଯାଇଛି। ସେହିଭଳି ଏହି ସପ୍ତାହ ଭିତରେ କିଛି ଗୁରାଣ୍ଡି ଓ ମୟୁରଙ୍କର ବି ମୃତ୍ୟୁ ଘଟିଛି। ନନ୍ଦନକାନନରେ ଏକ ଅଜଣା ରୋଗ ବ୍ୟାପିବାରୁ କି ସଂକ୍ରମଣ ହେବାରୁ ହଠାତ ଅକାଳରେ ବହୁ ଜୀବଜନ୍ତୁଙ୍କ ମୃତ୍ୟୁ ଗୋଟିକ ପରେ ଗୋଟିଏ ଘଟି ଚାଲିବା ଘଟଣାକୁ କିନ୍ତୁ କର୍ତ୍ତୃପକ୍ଷ ବେଦାୟିତ୍ୱ ମନଭାବ ରଖିଲା ଭଳି ପ୍ରଶ୍ନ ସୃଷ୍ଟି କରିଛି। ରୋଗର କାରଣ କ'ଣ ଜାଣି ନ ପାରିବା ବେଳେ ଅନ୍ୟପକ୍ଷେ ରୋଗ ନ ଜାଣି ଅନ୍ୟ କୁମ୍ଭୀରଙ୍କୁ ଓ ଜୀବଜନ୍ତୁଙ୍କୁ ଯେ କୌଣସି ପ୍ରତିଷେଧକ ଟିକା ଇଞ୍ଜେକ୍ସନ ଔଷଧ ଆଦି ମନଇଛା ଦିଆଯାଉଥିବା ଅଭିଯୋଗ ହେଉଛି। ଯାହା ଜୀବଜନ୍ତୁଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଜୀବଜନ୍ତୁଙ୍କ ଜୀବନକୁ ନେଇ କର୍ତ୍ତୃପକ୍ଷ କେତେ ସଚେତନତା ଓ ଦାୟିତ୍ୱବାନ ଅଛନ୍ତି ସେ ନେଇ ରାଜ୍ୟବାସୀଙ୍କ ମନରେ ବହୁତ ପ୍ରଶ୍ନ ଉଭା ହୋଇଛି। ଯାହାର ଉତ୍ତର ରଖିବାକୁ କର୍ତ୍ତୃପକ୍ଷ ଉଚିତ ମଣିନାହାନ୍ତି ନା କିଛି ଏମିତି ସତ୍ୟ ଅଛି ଯାହା କର୍ତ୍ତୃପକ୍ଷ ଲୁଚାଇବାକୁ ପ୍ରୟାସ କରୁଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

